# ତହସିଲ କାର୍ଯ୍ୟାଳୟ,କନିକା

ଜିଲ୍ଲା-କେନ୍ଦ୍ରାପଡା

## <u>ସର୍ବସାଧାରଣ ଇସ୍ତିହାର</u>

ପତ୍ରାଙ୍କ ନଂ ୫୨୭୪ //ତା ୩୦.୧୨.୨୦୨୫ //

ଡି-ରିଜର୍ଭେସନ(De-reservation) କେଶ ନଂ - ୦୩ / ୨୦୨୫-୨୬

ଏତଦ୍ୱାରା **ମୌଜା-ଭାମଣ୍ଡା** ,ଥାନା- ରାଜକନିକା ,ଜିଲ୍ଲା-କେନ୍ଦ୍ରାପଡ଼ାର ଅବସ୍ଥିତ ସରକାରୀ ଜମି ସମ୍ବନ୍ଧରେ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନୋଲ୍ଲେଖିତ ତଫସିଲ ଭୁକ୍ତ ସରକାରୀ ଜମିକୁ **Odisha Industrial Infrastructure Development Corporation (IDCO),Bhubaneswar**,ଓଡ଼ିଶା ସରକାରଙ୍କ ନାମରେ ଜମି ସଂଶୋଧନ କରିବାରେ ପ୍ରାସ୍ତାପିତ ଅଛି ।

ଏହା ପାଇଁ ଉକ୍ତ ସରକାରୀ ଜମିର କିସମ " ଗୋଚର " କୁ ବାଦ ଦିଆଯାଇ, ଏହାକୁ ଆବାଦ ଯୋଗ୍ୟ ଅନାବାଦି ଖାତା ଅନ୍ତର୍ଭୁକ୍ତ କରାଯାଇ " ପତିତ" କିସମରେ ରେକର୍ଡ ସଂଶୋଧନ କରାଯିବା ପାଇଁ ସ୍ଥିର କରାଯାଇଅଛି।

ଏଣୁ,ଏହି ବାବଦରେ ଯଦି କାହାର କୌଣସି ଆପତ୍ତି କିମ୍ବା ଅଭିଯୋଗ ରହିଥାଏ, ତେବେ ଇସ୍ତାହାର ଜାରିହେବା ତାରିଖରୁ **୧୫ ଦିନ (ପନ୍ଦର ଦିନ)** ମଧ୍ୟରେ, ଲିଖିତ ଅଭିଯୋଗ ପତ୍ର ସହିତ ସ୍ୱୟଂ ବା ନିଜ ପ୍ରତିନିଧିଙ୍କ ମାଧ୍ୟମରେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ହୋଇ ନିଜ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ଦର୍ଶାଇବାକୁ ହେବ। ଧାର୍ଯ୍ୟ ସମୟସୀମା ପରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

**ଅଦ୍ୟ ଅଦାଲତର ମୋହରଯୁକ୍ତ ସ୍ୱାକ୍ଷର ବିଧିଯୁକ୍ତ ଦିଆଗଲା ।**

ତହସିଲଦାର, କନିକା ।

ତହସିଲଦାର
କନିକା

## <u>ତଫସିଲ ଜମି</u>

| ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ ନଂ. | ରକବା | କିସମ |
|---|---|---|---|---|---|
| **ଭାମଣ୍ଡା** | ରାଜକନିକା<br>ଥାନା ନଂ. -୨୫ | ୬୨୨<br>(ରକ୍ଷିତ) | ୧୭୬୮ | ଏ ୧୩୫.୯୦୦ ସ୍ଥ<br>**ଏ ୧୨୧.୯୦୦** | ଗୋଚର |

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିକାଙ୍କ ନୋଟିସ ବୋର୍ଡ/ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଜକନିକାଙ୍କ ନୋଟିସ ବୋର୍ଡ / ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ପେଗରପଡାଙ୍କ ନୋଟିସ ବୋର୍ଡ / ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ନହୁଣିଙ୍କ ନୋଟିସ ବୋର୍ଡ /ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସିହୋପଡାଙ୍କ ନୋଟିସ ବୋର୍ଡ/ ଭାମଣ୍ଡା ଗ୍ରାମର ଦୃଶ୍ୟମାନ ସ୍ଥାନରେ, ସ୍ଥାନୀୟ ଅନ୍ୟୁନ ଦୁଇ ଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଇସ୍ତିହାର ଲଟକାଇବା / ଜିଲ୍ଲା ୱେବ ପୋର୍ଟାଲରେ (https://kendrapara.odisha.gov.in) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବା ପାଇଁ ପଠାଗଲା ।

ତହସିଲଦାର, କନିକା ।

ତହସିଲଦାର
କନିକା